रजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡି-221

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ଵାରା ପ୍ରକାଶିତ**

**No 1, NEW DELHI, TUESDAY, MAY 8, 1990/BAISAKH 18, 1912 (SAKA) VOL I**
**ସଂ. 1, ନୂଆଦିଲ୍ଲୀ, ମଙ୍ଗଳବାର, ମଇ 8, 1990/ବୈଶାଖ 18, 1912 (ଶକ) ଗ୍ରନ୍ଥଖଣ୍ଡ 1**

## MINISTRY OF LAW AND JUSTICE

**(Legislative Department)**

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଛି ମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍ଟିଜ୍) ଏକ୍ଟ, 1928 (15) ଦି ଗ୍ଭଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଵାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ହିନ୍ଦୁ ସମ୍ପତ୍ତି ନିକାଶ ଅଧିନିୟମ, 1916

## 1916 ର ଅଧିନିୟମ ସଂ15

ହିନ୍ଦୁମାନଙ୍କ ଦ୍ୱାରା ସମ୍ପତ୍ତିର ନିକାଶ ତାରିଖ ବେଳକୁ ବିଦ୍ୟମାନ ନ ଥିବା ବ୍ୟକ୍ତିମାନଙ୍କ ହିତ ପାଇଁ ସେପରି ନିକାଶ କ୍ଷମତା ସଂପର୍କରେ ବିଦ୍ୟମାନ ଥିବା କେତେକ ନିର୍ଯୋଗ୍ୟତାର ଦୂରୀକରଣ ନିମିତ୍ତ ଏକ ଅଧିନିୟମ ।

[28 ସେପ୍ଟେମ୍ବର, 1916]

ଯେହେତୁ ହିନ୍ଦୁମାନଙ୍କ ଦ୍ୱାରା ସମ୍ପତ୍ତିର ନିକାଶ ତାରିଖ ବେଳକୁ ବିଦ୍ୟମାନ ନ ଥିବା ବ୍ୟକ୍ତିମାନଙ୍କ ହିତ ପାଇଁ ସେପରି ନିକାଶ କ୍ଷମତା ସଂପର୍କରେ ବିଦ୍ୟମାନ ଥିବା କେତେକ ନିର୍ଯୋଗ୍ୟତାକୁ ଦୂରୀକରଣ କରାଯିବା ସମୀଚୀନ ଅଟେ ; ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲ :—

**ସଂକ୍ଷିପ୍ତ ନାମ ଓ ବିସ୍ତାର ।**

1. (1) ଏହି ଅଧିନିୟମଟି ହିନ୍ଦୁ ସମ୍ପତ୍ତି ନିକାଶ ଅଧିନିୟମ, 1916 ନାମରେ ଅଭିହିତ ହେବ ।

(2) ଏହା ଜାମ୍ମୁ ଓ କାଶ୍ମୀର ରାଜ୍ୟ ଭିନ୍ନ ଅବଶିଷ୍ଟ ସମଗ୍ର ଭାରତ ପ୍ରତି ବିସ୍ତୃତ ।

**ବିଦ୍ୟମାନ ନ ଥିବା ବ୍ୟକ୍ତିଙ୍କ ହିତ ପାଇଁ ନିକାଶ ।**

2. ଏହି ଅଧିନିୟମରେ ନିର୍ଦ୍ଦିଷ୍ଟ ହୋଇଥିବା ପରିସୀମା ଓ ଉପବନ୍ଧଗୁଡ଼ିକର ବଶବର୍ତ୍ତୀ ହୋଇ, ଜଣେ ହିନ୍ଦୁଙ୍କ ଦ୍ୱାରା, ଜୀବିତଙ୍କ ମଧ୍ୟରେ ଅନ୍ତରଣ ଦ୍ୱାରା ବା ଉଇଲ ଦ୍ୱାରା, କୌଣସି ସମ୍ପତ୍ତିର ନିକାଶ ଯେଉଁ ବ୍ୟକ୍ତିଙ୍କ ହିତ କଳ୍ପେ ତାହା ହୋଇପାରିଥାଏ ସେହି ବ୍ୟକ୍ତି ସେପରି ନିକାଶ ତାରିଖ ବେଳକୁ ବିଦ୍ୟମାନ ନ ଥିଲେ କେବଳ ଏହି କାରଣ ଯୋଗୁଁ ହିଁ ଅବିଧିମାନ୍ୟ ହେବନାହିଁ ।

**ପରିସୀମା ଓ ସର୍ତ୍ତାବଳୀ**

3. ଧାରା 2 ରେ ସୂଚିତ ହୋଇଥିବା ପରିସୀମା ଓ ଉପବନ୍ଧମାନ ନିମ୍ନୋକ୍ତମତେ ହେବ :—

(କ) ଜୀବିତଙ୍କ ମଧ୍ୟରେ ଅନ୍ତରଣ ଦ୍ୱାରା ନିକାଶ ସଂପର୍କରେ ସମ୍ପତ୍ତି ଅନ୍ତରଣ ଅଧିନିୟମ, 1882 ର ଅଧ୍ୟାୟ IIରେ ଥିବା ପରିସୀମା ଓ ଉପବନ୍ଧମାନ , ଏବଂ 1882 ର 4

(ଖ) ଉଇଲ ଦ୍ୱାରା ନିକାଶ ସଂପର୍କରେ ଭାରତୀୟ ଉତ୍ତରାଧିକାର ଅଧିନିୟମ, 1925 ର 1925ର 33
ଧାରା 113, 114, 115 ଓ 116 ରେ ଥିବା ପରିସୀମା ଓ ଉପବନ୍ଧମାନ ।

4. (ପୃକ୍ତ ନିକାଶର ବିଫଳତା) ସମ୍ପତ୍ତି ଅନ୍ତରଣ (ସଂଶୋଧନ) ଅନୁପୂରକ ଅଧିନିୟମ, 1929 (1929 ର 21) ଧାରା 12 ଦ୍ୱାରା ନିରସିତ ।

ଖୋଜା ଗୋଷ୍ଠୀ ପ୍ରତି ଏହି ଅଧିନିୟମର ପ୍ରୟୋଗ ।

5. ଯେବେ ରାଜ୍ୟ ସରକାର ମତପୋଷଣ କରନ୍ତି ଯେ ରାଜ୍ୟର ବା ତାହାର କୌଣସି ଅଂଶର ଖୋଜା ଗୋଷ୍ଠୀ ଇଚ୍ଛାକରନ୍ତି ଯେ ଏହି ଅଧିନିୟମର ଉପବନ୍ଧମାନଙ୍କର ବିସ୍ତାର ସେପରି ଗୋଷ୍ଠୀ ପ୍ରତି ରହିବା ଉଚିତ, ତେବେ ସେହି ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଘୋଷଣା କରିପାରିବେ ଯେ ଏହି ଅଧିନିୟମର ଉପବନ୍ଧମାନ, "ହିନ୍ଦୁମାନେ" ବା "ହିନ୍ଦୁ" ଶବ୍ଦ ଥିବା ସ୍ଥାନରେ, ଯଥାସ୍ଥିତ, "ଖୋଜାମାନେ" ବା "ଖୋଜା" ଶବ୍ଦ ପ୍ରତିସ୍ଥାପିତ ହୋଇ ସେହି ଅଧିସୂଚନାରେ ବିନିର୍ଦ୍ଦିଷ୍ଟ ହୋଇଥିବା କ୍ଷେତ୍ରରେ ସେହି ଗୋଷ୍ଠୀପ୍ରତି ପ୍ରଯୋଜ୍ୟ ହେବ ଓ ତାହାପରେ ଏହି ଅଧିନିୟମଟି ତଦନୁସାରେ ପ୍ରଭାବୀ ହେବ ।